# NATIONAL NEWS BULLETIN (ODIA)

**6 April- 2025**

**Mid Bulletin : 3.45 p.m.**

---

## ମୁଖ୍ୟ ସମ୍ବାଦ

- ପର୍ତ୍ତୁଗାଲ ଏବଂ ସ୍ଲୋଭାକିଆକୁ ଆସନ୍ତାକାଲିଠାରୁ ଗସ୍ତରେ ଯିବେ ରାଷ୍ଟ୍ରପତି ।
- ତିନିଦିନିଆ ଶ୍ରୀଲଙ୍କା ଗସ୍ତ ଶେଷ କରି ଭାରତ ପ୍ରତ୍ୟାବର୍ତ୍ତନ କଲେ ପ୍ରଧାନମନ୍ତ୍ରୀ ।
- ତାମିଲନାଡୁଠାରେ ପମ୍ବନ ଭର୍ଟିକାଲ ଲିଫ୍ଟ ସାମୁଦ୍ରିକ ସେତୁ ଲୋକାର୍ପିତ ।

\- ଯୋଗାଯୋଗ ବ୍ୟବସ୍ଥାକୁ ଏହା ସୁଦୃଢ଼ କରିବ : କହିଲେ ପ୍ରଧାନମନ୍ତ୍ରୀ ।

- ଧାର୍ମିକ ଉତ୍ସାହ ଓ ଭକ୍ତିଭାବନାର ସହ ପାଳନ କରାଯାଉଛି ଶ୍ରୀ ରାମନବମୀ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ସନ୍‌ରାଇଜର୍ସ ହାଇଦ୍ରାବାଦ ଏବଂ ଗୁଜୁରାଟ ଟାଇଟାନ୍ସ ମଧ୍ୟରେ ହେବ ମୁକାବିଲା ।

# ପ୍ରେଜ୍-ପ୍ରେଜ୍ ଭିଜିଟ୍ ପର୍ତ୍ତୁଗାଲ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲିଠାରୁ ପର୍ତ୍ତୁଗାଲ ଏବଂ ସ୍ଲୋଭାକିଆ ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ପର୍ତ୍ତୁଗାଲ ପ୍ରତିପକ୍ଷ ମାର୍ସେଲୋ ରିବେଲୋ ଡି ସୌସାଙ୍କ ସହ ପ୍ରତିନିଧିସ୍ତରୀୟ ଆଲୋଚନାରେ ଅଂଶଗ୍ରହଣ କରିବେ । ପର୍ତ୍ତୁଗାଲର ପ୍ରଧାନମନ୍ତ୍ରୀ ଲୁଇସ୍ ମଣ୍ଟେନିଗ୍ରୋ ଏବଂ ନ୍ୟାସନାଲ ଆସେମ୍ବ୍ଲିର ସଭାପତି ଜୋସ୍ ପେଡ୍ରୋ ଆଗ୍ୱିଆର୍-ବ୍ରାଙ୍କୋଙ୍କ ସହ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସାକ୍ଷାତ୍ ଆଲୋଚନା କରିବେ । ସେହିଭଳି ପର୍ତ୍ତୁଗାଲରୁ ସ୍ଲୋଭାକିଆ ଗସ୍ତରେ ଯାଇ ରାଷ୍ଟ୍ରପତି ମୁର୍ମୁ ସେଠାକାର ରାଷ୍ଟ୍ରପତି ପିଟର ପେଲିଗ୍ରିନି ଏବଂ ପ୍ରଧାନମନ୍ତ୍ରୀ ରବର୍ଟ ଫିକୋଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

୨୭ ବର୍ଷର ବ୍ୟବଧାନ ପରେ ଭାରତର ରାଷ୍ଟ୍ରପତିଙ୍କର ଏହା ହେଉଛି ପ୍ରଥମ ପର୍ତ୍ତୁଗାଲ ଗସ୍ତ । ଉଭୟ ଦେଶ କୂଟନୈତିକ ସମ୍ପର୍କ ୫୦ ବର୍ଷ ପୂର୍ତ୍ତି ପାଳନ କରୁଛନ୍ତି । ରାଷ୍ଟ୍ରପତିଙ୍କର ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାର ଆଶା କରାଯାଇଛି । ସେହିଭଳି ୨୯ବର୍ଷ ପରେ ଭାରତର ରାଷ୍ଟ୍ରପତି ପ୍ରଥମଥର ପାଇଁ ସ୍ଲୋଭାକିଆ ଗସ୍ତରେ ଯିବେ । ଆସନ୍ତା ୧୦ ତାରିଖରେ ଏହି ଦୁଇଦେଶ ଗସ୍ତକ୍ରମ ଶେଷ କରି ରାଷ୍ଟ୍ରପତି ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

# ପିଏମ୍-ଶ୍ରୀଲଙ୍କା ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନିଦିନିଆ ଶ୍ରୀଲଙ୍କା ଗସ୍ତ ଶେଷ କରି ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଆଜି ପବିତ୍ର ଜୟାଶ୍ରୀ ମହାବୋଧି ମନ୍ଦିରରେ ପ୍ରଧାନମନ୍ତ୍ରୀ ପୂଜାର୍ଚ୍ଚନା କରିବା ସହ ରାଷ୍ଟ୍ରପତି ଅନୁରା କୁମାର ଦିଶାନାୟକେଙ୍କ ସହିତ ମାହୋ-ଓମାନଥାଇ ରେଳଲାଇନ୍‌ର ଉଦ୍‌ଘାଟନ କରିଛନ୍ତି । ଏହି ଗସ୍ତ ଅବସରରେ ପ୍ରତିରକ୍ଷା, ଶକ୍ତି, ଯୋଗାଯୋଗ ଏବଂ ଡିଜିଟାଲ ଭିତ୍ତିଭୂମି ସମେତ ଏକାଧିକ କ୍ଷେତ୍ରରେ ଦୁଇଦେଶର ସମ୍ପର୍କକୁ ସୁଦୃଢ଼ କରିବା ଲକ୍ଷ୍ୟନେଇ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ଦିଶାନାୟକେଙ୍କ ମଧ୍ୟରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା ହୋଇଥିଲା । ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସେଠାକାର ତାମିଲ ନେତାମାନଙ୍କ ସହ ଆଲୋଚନା କରିଥିଲେ । ପବିତ୍ର ସହର ଅନୁରାଧାପୁରାକୁ ମଧ୍ୟ ପ୍ରଧାନମନ୍ତ୍ରୀ ଗସ୍ତରେ ଯାଇଥିଲେ । ବନ୍ଧୁତା ଏବଂ ପ୍ରଶଂସାର ନିଦର୍ଶନ ସ୍ୱରୂପ ଶ୍ରୀଲଙ୍କା ରାଷ୍ଟ୍ରପତି ଦିଶାନାୟକେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଶ୍ରୀଲଙ୍କା ମିତ୍ର ବିଭୂଷଣ ସମ୍ମାନରେ ସମ୍ମାନିତ କରିଥିଲେ । ଶ୍ରୀଲଙ୍କାର ଏହା ହେଉଛି ସର୍ବୋଚ୍ଚ ବେସାମରିକ ସମ୍ମାନ । ସଙ୍କଟ ସମୟରେ ଶ୍ରୀଲଙ୍କାକୁ ଭାରତ ପ୍ରଦାନ କରିଥିବା ସହଯୋଗର ଏହା ଏକ ପ୍ରତିଫଳନ ବୋଲି ଶ୍ରୀଲଙ୍କା ପକ୍ଷରୁ କୁହାଯାଇଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଶ୍ରୀଲଙ୍କାର ବିକାଶ ଯାତ୍ରାର ବିଭିନ୍ନ କ୍ଷେତ୍ରରେ ଭାରତ ସହଯୋଗ ପ୍ରଦାନ କରି ଗର୍ବ ଅନୁଭବ କରୁଛି । ଶ୍ରୀଲଙ୍କା ରାଷ୍ଟ୍ରପତି ଶ୍ରୀ

ଦିଶାନାୟକେ ଏବଂ ଜନସାଧାରଣଙ୍କ ପକ୍ଷରୁ ତାଙ୍କ ଗସ୍ତ ସମୟରେ ମିଳିଥିବା ପ୍ରୋତ୍ସାହ ପାଇଁ ଶ୍ରୀ ମୋଦୀ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଏହି ଗସ୍ତ ଦୁଇଦେଶ ମଧ୍ୟରେ ସାଂସ୍କୃତିକ, ଆଧ୍ୟାତ୍ମିକ ଏବଂ ସଭ୍ୟତାର ସମ୍ପର୍କକୁ ଅଧିକ ସୁଦୃଢ଼ କରିଛି ।

# ପିଏମ୍-ପମ୍ବନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପମ୍ବନ ଭର୍ଟିକାଲ ଲିଫ୍ଟ ସମୁଦ୍ରିକ ସେତୁକୁ ଉଦ୍‌ଘାଟନ କରିଛନ୍ତି । ଏହି ପୋଲ ଦେଇ ଯାଉଥିବା ତଟରକ୍ଷୀ ଜାହାଜକୁ ମଧ୍ୟ ଶ୍ରୀ ମୋଦୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ବ୍ରିଜ୍ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ରାମେଶ୍ୱରମ-ତାମ୍ବରମ ଏକ୍ସପ୍ରେସ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ସେତୁର ଆନୁମାନିକ ଜୀବନକାଳ ୫୮ବର୍ଷ ବୋଲି ଆକଳନ କରାଯାଇଛି । ଏଥିରେ ଏକ ସ୍ୱୟଂଚାଳିତ ଇଲେକ୍ଟ୍ରୋ ମେକାନିକାଲ ଲିଫ୍ଟ ସିଷ୍ଟମ ରହିଛି । ଯାହା ପୋଲକୁ ୧୭ମିଟର ପର୍ଯ୍ୟନ୍ତ ଉପରକୁ ଉଠାଇବାରେ ସହାୟକ ହୋଇଥାଏ । ୫୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ସେତୁ ରାମାୟଣର ଗଭୀର ସାଂସ୍କୃତିକ ମହତ୍ୱକୁ ବହନ କରୁଛି । ରାମେଶ୍ୱରମର ମୁଖ୍ୟ ଭୂମି ସହ ଏହି ସେତୁ ସଂଯୋଗ ସ୍ଥାପନ କରିଛି । ଭବିଷ୍ୟତର ଚାହିଦାକୁ ପୂରଣ କରିବା ପାଇଁ ସ୍ୱତନ୍ତ୍ର ଭାବରେ ଏହି ବ୍ରିଜ୍‌କୁ ନିର୍ମାଣ କରାଯାଇଛି ।

ପବିତ୍ର ରାମନବମୀ ଅବସରରେ ପ୍ରଧାନମନ୍ତ୍ରୀ ରାମେଶ୍ୱରମ ମନ୍ଦିରରେ ମଧ୍ୟ ପୂଜାର୍ଚ୍ଚନା କରିଛନ୍ତି । ରାମେଶ୍ୱରମକୁ ସଂଯୋଗ କରୁଥିବା ୮ହଜାର ୩୦୦ କୋଟି ଟଙ୍କାର ରେଳ ଏବଂ ସଡ଼କ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ଜନସାଧାରଣଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ପମ୍ବନ ସେତୁ ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବ । ଆଞ୍ଚଳିକ କ୍ଷେତ୍ରରେ ବିକାଶକୁ ତ୍ୱରାନ୍ୱିତ କରିବା ସହ ତାମିଲନାଡୁବାସୀଙ୍କ ଇଜ୍ ଅଫ୍ ଲିଭିଂରେ ଉନ୍ନତି ଆଣିବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

**V/O**

ଏହାପରେ ଶ୍ରୀ ମୋଦୀ ମଦୁରାଇ ଅଭିମୁଖେ ଯାତ୍ରା କରିବା ସହ ସେଠାରୁ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି ।

# ପ୍ରେଜ୍-ପିଏମ୍ : ରାମନବମୀ

ଦେଶର ବିଭିନ୍ନ ସ୍ଥାନରେ ଆଜି ଧାର୍ମିକ ଉତ୍ସାହ ଓ ଭକ୍ତିର ସହ ରାମନବମୀ ପାଳନ କରାଯାଉଛି । ଏହି ପର୍ବରେ ଭଗବାନ ବିଷ୍ଣୁଙ୍କ ସପ୍ତମ ଅବତାରରେ ଭଗବାନ ରାମଙ୍କ ଜନ୍ମକୁ ପାଳନ କରାଯାଇଥାଏ । ଚୈତ୍ର ମାସର ନବମ ତିଥିରେ ରାମନବମୀ ପାଳନ କରାଯାଏ । ଏହାପୂର୍ବରୁ ହିନ୍ଦୁମାନେ ୯ ଦିନ ବ୍ୟାପୀ ନବରାତ୍ର ବ୍ରତ ରଖିଥାନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପବିତ୍ର ରାମନବମୀ ଉପଲକ୍ଷେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି

ଶ୍ରୀମତୀ ମୁର୍ମୁ କହିଛନ୍ତି ଏହି ପର୍ବ ଭଗବାନ ରାମଙ୍କ ଜନ୍ମବାର୍ଷିକୀକୁ ସୂଚାଇଥାଏ । ଭଗବାନ ରାମଙ୍କ ମହତ୍‌ବାଣୀ ଓ ଜୀବନଯାତ୍ରା ସମସ୍ତଙ୍କୁ ସତ୍ୟ, ଧର୍ମ ଏବଂ ନୈତିକତାର ମାର୍ଗ ଅନୁସରଣ କରିବା ପାଇଁ ଏହି ପର୍ବ ପ୍ରେରଣା ଯୋଗାଇଥାଏ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାମନବମୀ ଉପଲକ୍ଷେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟ ଜରିଆରେ ଶ୍ରୀ ମୋଦୀ କହିଛନ୍ତି ପ୍ରଭୁ ଶ୍ରୀରାମଙ୍କର ଆର୍ଶୀବାଦ ସମସ୍ତଙ୍କ ଉପରେ ରହୁ ଏବଂ ଆମ ସମସ୍ତ ଚେଷ୍ଟାକୁ ସେ ମାର୍ଗଦର୍ଶନ କରନ୍ତୁ ।

## ଅଯୋଧ୍ୟା-ରାମନବମୀ

ଅଯୋଧ୍ୟାରେ ଭଗବାନ ଶ୍ରୀ ରାମଙ୍କ ଜନ୍ମଦିବସ ପାଳନ ପାଇଁ ପ୍ରବଳ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ଏଥିପାଇଁ ସେଠାରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି । ମଧ୍ୟାହ୍ନ ୧୨ଟାରେ ରାମଲାଲାଙ୍କ ମଥାରେ ସୂର୍ଯ୍ୟଙ୍କର କିରଣ ସିଧାସଳଖ ଭାବେ ୪ ମିନିଟ୍ ପର୍ଯ୍ୟନ୍ତ ପଡି ରହିଥିଲା । ଏହି ଐତିହାସିକ ମୁହୂର୍ତ୍ତକୁ ଦେଶବାସୀ ସିଧା ପ୍ରସାରଣ ମାଧ୍ୟମରେ ଦେଖିଥିଲେ । ଶ୍ରଦ୍ଧାଳୁଙ୍କ ଉପରେ ପ୍ରଥମଥର ପାଇଁ ଡ୍ରୋନ୍ ମାଧ୍ୟମରେ ସରଜୁ ନଦୀର ଜଳ ସିଞ୍ଚନ କରାଯାଇଛି । ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ରାମପଥରେ ଅସ୍ଥାୟୀ ଶିବିର ଏବଂ ପାନୀୟ ଜଳର ବ୍ୟବସ୍ଥା

କରାଯାଇଛି । ଅଯୋଧ୍ୟାରେ ଆଜି ୨ଲକ୍ଷରୁ ଅଧିକ ଦ୍ୱୀପ ପ୍ରଜ୍ୱଳନ ପାଇଁ ବ୍ୟବସ୍ଥା ହୋଇଛି ।

## ବିଜେପି ଫାଉଣ୍ଡେସନ ଡେ

ଭାରତୀୟ ଜନତା ପାର୍ଟି ଆଜି ତା'ର ୪୫ତମ ପ୍ରତିଷ୍ଠା ଦିବସ ପାଳନ କରୁଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଦଳୀୟ କର୍ମୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ନୂଆଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ଦଳୀୟ କର୍ମୀଙ୍କ ମନୋବଳ, କଠୋର ପରିଶ୍ରମ, ସଂଘର୍ଷ ଏବଂ ତ୍ୟାଗପାଇଁ ଧନ୍ୟବାଦ ଜଣାଇଛନ୍ତି । ବିକଶିତ ଭାରତ ଗଠନରେ ଦଳୀୟ କର୍ମୀମାନଙ୍କର ଅତୁଳନୀୟ ଅବଦାନ ହେତୁ ଆଜିର ଦିବସ ଅତ୍ୟନ୍ତ ଗୁରୁତ୍ୱ ବହନ କରେ ବୋଲି ଶ୍ରୀ ନଡ୍ଡା କହିଛନ୍ତି ।

**V/O**

## ଷ୍ଟାଟ୍‌ଅପ୍ ମହାକୁମ୍ଭ

ନୂଆଦିଲ୍ଲୀଠାରେ ଚାଲିଥିବା ଷ୍ଟାଟ୍‌ଅପ୍ ମହାକୁମ୍ଭ-୨୦୨୫ ଗତକାଲି ଉଦ୍‌ଯାପିତ ହୋଇଛି । ଯୁବ ଉଦ୍ୟୋଗୀଙ୍କର ଏଥିରେ ଉଲ୍ଲେଖନୀୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । ଦେଶର ଷ୍ଟାଟ୍‌ଅପ୍ ଇକୋ ସିଷ୍ଟମକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଦେଇଥିବା ସୂଚନା

ଅନୁଯାୟୀ ଏହି ତିନିଦିନିଆ କାର୍ଯ୍ୟକ୍ରମରେ ଆଧୁନିକ ପ୍ରଯୁକ୍ତି ବିଦ୍ୟା, କୃତ୍ରିମ ବୁଦ୍ଧିମତା ଆଦି କ୍ଷେତ୍ରରେ ଷ୍ଟାଟ୍‌ଅପ୍ ଉଦ୍ୟୋଗିକ ମଧ୍ୟରେ ମତ ବିନିମୟ ହୋଇଥିଲା ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ସଂଧ୍ୟା ସାଢ଼େ ୭ଟାରେ ହାଇଦ୍ରାବାଦରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଏବଂ ଗୁଜୁରାଟ ଟାଇଟନ୍ସ ମଧ୍ୟରେ ମୁକାବିଲା ହେବ ।

ପଏଣ୍ଟ ତାଲିକାରେ ଦିଲ୍ଲୀ କ୍ୟାପିଟାଲ୍ସ ୬ ପଏଣ୍ଟ ସହ ଶୀର୍ଷରେ ଥିବାବେଳେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଗୁଜୁରାଟ ଟାଇଟନ୍ସ ୪ ପଏଣ୍ଟ ସହ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛନ୍ତି ।

## ୱାର୍ଲ୍ଡ ବକ୍ସିଂ କପ୍-୨୦୨୫

ବିଶ୍ୱ ମୁଷ୍ଟିଯୁଦ୍ଧ ୨୦୨୫ ପ୍ରତିଯୋଗିତାର ପୁରୁଷ ୭୦ କିଲୋ ବର୍ଗରେ ଭାରତର ହିତେଶ ଗୁଲିଆ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ବ୍ରାଜିଲଠାରେ ଚାଲିଥିବା ଏହି ପ୍ରତିଯୋଗିତାର ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ହିତେଶ ବ୍ରାଜିଲ ପ୍ରତିପକ୍ଷ ଫୋଜ୍ ଡୋ ଇଗାଓ୍ୱକୁଙ୍କୁ ପରାସ୍ତ କରିଛନ୍ତି । ସେହିଭଳି ପୁରୁଷ ୬୫କିଲୋ ବର୍ଗରେ ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଭାରତର ମୁଷ୍ଟିଯୋଦ୍ଧା ଅଭିନାଶ ଜାମୱାଲ ରୌପ୍ୟପଦକ

ହାସଲ କରିଛନ୍ତି । ଫାଇନାଲ ମ୍ୟାଚ୍‌ରେ ବ୍ରାଜିଲର ୟୁରି ରେଇସ୍‌ଙ୍କଠାରୁ ସେ ପରାସ୍ତ ହୋଇଛନ୍ତି । ପୂର୍ବରୁ ପୁରୁଷ ୫୫ କିଲୋ ବର୍ଗରେ ଭାରତର ମନୀଷ ରାଠୋର ବ୍ରୋଞ୍ଜ ପଦକ ହାସଲ କରିଥିଲେ ।